ବିକଳ୍ପ-II

ବାଣିଜ୍ୟ ଅର୍ଥଶାସ୍ତ୍ର ତଥା ବ୍ୟାପାର ପାଇଁ ଗଣିତ



ଟିପ୍ପଣୀ

# ୩୭

# ଅଂଶ ଏବଂ ତମସୁକ

ଗୋଟିଏ ବଡ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଏକ ବଡ ଧରଣର ମୂଳଧନ, କୁଶଳୀ ଲୋକ ଶକ୍ତି, ଏବଂ ଅନ୍ୟାନ୍ୟ ସାଧନର ଆବଶ୍ୟକତା ପଡ଼ିଥାଏ । ଏହି ଆବଶ୍ୟକତା ପୂରଣ କରିବା ବେଳେ ବେଳେ କୌଣସି ଜଣେ ବ୍ୟକ୍ତି ପାଇଁ ସମ୍ଭବ ହୋଇନଥାଏ । ଏହି ପରିସ୍ଥିତିରେ କେତେ ଜଣ ସମମନୋଭାବାପନ୍ନ ଲୋକ ଏକତ୍ର ହୋଇ କମ୍ପାନୀ ତିଆରି କରନ୍ତି । ଏହାକୁ ଜଏଣ୍ଟ ଷ୍ଟକ୍ କମ୍ପାନୀ କହନ୍ତି ଏବଂ ଏହାକୁ କମ୍ପାନୀ ଆକ୍ଟରେ ରେଜିଷ୍ଟ୍ରେସନ କରନ୍ତି । ଯେଉଁ ଲୋକମାନେ କମ୍ପାନୀ ଆରମ୍ଭ କରନ୍ତି, ସେମାନଙ୍କୁ କମ୍ପାନୀର ପ୍ରମୋଟର (Promoter) କହନ୍ତି ଏବଂ ସେମାନେ କମ୍ପାନୀର ସମ୍ବିଧାନ ତିଆରି କରନ୍ତି ଯେଉଁଥିରେ କମ୍ପାନୀର ଉଦ୍ଦେଶ୍ୟ ଲିପିବଦ୍ଧ ହୋଇ ରହିଥାଏ ।

ସାଧାରଣ ନାଗରିକମାନଙ୍କ ଠାରୁ ମୂଳଧନ ପାଇବା ପାଇଁ କମ୍ପାନୀ ତରଫରୁ ଏକ ପ୍ରସ୍‌ପେକ୍ଟସ୍ ପ୍ରକାଶ କରାଯାଏ, ଯେଉଁଥିରେ କମ୍ପାନୀର ପ୍ରୋଜେକ୍ଟ ସମ୍ବନ୍ଧୀୟ ସବିଶେଷ ତଥ୍ୟ, କମ୍ପାନୀର ଭିତ୍ତିଭୂମି ଓ ସାମର୍ଥ୍ୟ ଏବଂ ସମ୍ଭାବ୍ୟ ଆଶଙ୍କାର ସୂଚନା ମାନ ଥାଏ । ଆବଶ୍ୟକ ମୂଳଧନକୁ କମ୍ପାନୀ କେତେଗୁଡିଏ ସମାନ ଅଂଶରେ ଭାଗ କରିଥାଏ ଯାହାକୁ ଶେୟାର (ଅଂଶ) କୁହାଯାଏ । ସାଧାରଣତଃ ସେଗୁଡିକ ୧୦ ଟଙ୍କିଆ ବା ୧୦୦ ଟଙ୍କିଆ ହୋଇଥାଏ ।

ଏହି ପାଠରେ ଆମେ ସେୟାର, ଷ୍ଟକ୍ସ ଏବଂ ଅଂଶକ୍ରେତା ମାନଙ୍କର ପ୍ରାପ୍ୟ ମୁନାଫା (ଡିଭିଡେଣ୍ଡ) ହିସାବ ବିଷୟରେ ପଢିବା । ଆହୁରି ମଧ୍ୟ ଆମେ ଡିବେଞ୍ଚର (ତମସୁକ), ସେୟାର ଏବଂ ଡିବେଞ୍ଚର କ୍ରୟ ଏବଂ ବିକ୍ରୟ କରିବା ପ୍ରଣାଳୀ ବିଷୟରେ ପଢିବା ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପଢି ସାରିବା ପରେ, ତୁମେ

- ଜଏଣ୍ଟ ଷ୍ଟକ୍ କମ୍ପାନୀର ଆବଶ୍ୟକତା ବୁଝାଇପାରିବ;
- ସେୟାର, ପ୍ରିଫର୍ଡ ଏବଂ ସାଧାରଣ ସେୟାର, ଡିବେଞ୍ଚର, ଡିଭିଡେଣ୍ଡ, ଦଲାଲ୍ କମିଶନ୍, ବିକ୍ରୟମୂଲ୍ୟ, ପାର୍ ମୂଲ୍ୟ, ପ୍ରିମିୟମ, ରିହାତିର ସଂଜ୍ଞା ପ୍ରକରଣ କରିପାରିବ;
- ସେୟାର ଏବଂ ଡିବେଞ୍ଚର ମଧ୍ୟରେ ପ୍ରଭେଦ ଜାଣିପାରିବ;
- ବିଭିନ୍ନ ପ୍ରକାରର ସେୟାର ପାଇଁ ବିଭିନ୍ନ ସର୍ତ୍ତ ଅନୁସାରେ ମୁନାଫା ନିର୍ଣ୍ଣୟ କରିପାରିବ;
- ବିଭିନ୍ନ କାରବାର ସମୟରେ ଆୟର ପରିବର୍ତ୍ତନ ନିର୍ଣ୍ଣୟ କିରପାରିବ;
- ଆୟ ଅନୁସାରେ ବିଭିନ୍ନ ଷ୍ଟକ୍ ମଧ୍ୟରେ ପ୍ରଭେଦ ଜାଣିପାରିବ ଏବଂ
- ଦିଆଯାଇଥିବା ଡିବେଞ୍ଚରର ସଂଖ୍ୟା ଅନୁସାରେ ଆୟ (ସୁଧ) ନିର୍ଣ୍ଣୟ କରିପାରିବ ।

**ବିକଳ୍ପ-II**

ବାଣିଜ୍ୟ ଅର୍ଥଶାସ୍ତ୍ର ତଥା ବ୍ୟାପାର ପାଇଁ ଗଣିତ



ଟିପ୍ପଣୀ

## ପ୍ରତ୍ୟାଶିତ ପୂର୍ବଜ୍ଞାନ

- ଐକିକ ଧାରା, ଅନୁପାତ ଏବଂ ସମାନୁପାତ, ସରଳ ସୁଧ କଷା

## 37.1 କେତେକ ସଂଜ୍ଞା (Some definitions)

**ସେୟାର (ଅଂଶ) :** କମ୍ପାନୀର ମୋଟ ମୂଳଧନକୁ ସମାନ ମୂଲ୍ୟ ବିଶିଷ୍ଟ ସୁବିଧାଜନକ ଏକକରେ ବିଭକ୍ତ କରାଯାଏ ଏବଂ ପ୍ରତ୍ୟେକ ଏକକ (ଅଂଶ)କୁ ସେୟାର କୁହାଯାଏ ।

**ଅଂଶ କ୍ରେତା :** ବ୍ୟକ୍ତି ବିଶେଷ ଯିଏକି ଏକ ବା ଏକାଧିକ ସେୟାର କିଣେ, ତାକୁ କମ୍ପାନୀର ଅଂଶକ୍ରେତା ବା ସେୟାର ହୋଲ୍‌ଡର୍ କୁହାଯାଏ । ପ୍ରତ୍ୟେକ ସେୟାର ହୋଲଡର୍‌କୁ କମ୍ପାନୀ ତରଫରୁ ଏକ ସେୟାର ସାର୍ଟିଫିକେଟ୍ ଦିଆଯାଏ, ଯେଉଁଥିରେ ପ୍ରତ୍ୟେକ ସେୟାରର ମୂଲ୍ୟ ଏବଂ ସେୟାର ସଂଖ୍ୟା ଲେଖାଥାଏ ।

**ନିର୍ଦ୍ଧାରିତ ମୂଲ୍ୟ :** ସେୟାରର ମୌଳିକ ମୂଲ୍ୟାୟନ ଯାହାକି ସେୟାର ସାର୍ଟିଫିକେଟ୍‌ରେ ଲେଖାଥାଏ, ତାକୁ ସେୟାରର ନିର୍ଦ୍ଧାରିତ ମୂଲ୍ୟ (ପାର ଭାଲ୍ୟୁ ବା ଫେସ୍ ଭାଲ୍ୟୁ) କୁହାଯାଏ । ଏହାକୁ ମଧ୍ୟ ନୋମିନାଲ ବା ଫେସ୍ ଭାଲ୍ୟୁ କୁହାଯାଏ ।

**ମୁନାଫା :** କମ୍ପାନୀ ଯେତେବେଳେ ଉତ୍ପାଦନ ଆରମ୍ଭ କରେ ଏବଂ କମ୍ପାନୀର ଲାଭ ହୁଏ, କମ୍ପାନୀ ତାର ଦୈନନ୍ଦିନ ଖର୍ଚ୍ଚ ଓ ଋଣ ପାଇଁ ସୁଧ ନିମନ୍ତେ ଲାଭରୁ କିଛି ରଖି ଅବଶିଷ୍ଟ ଲାଭକୁ ଅଂଶକ୍ରେତା ମାନଙ୍କ ମଧ୍ୟରେ ବାଣ୍ଟିଦିଏ । ଏହାକୁ ଡିଭିଡେଣ୍ଡ ବା ମୁନାଫା କୁହାଯାଏ । ଡିଭିଡେଣ୍ଡକୁ ନିର୍ଦ୍ଧାରିତ ମୂଲ୍ୟର ଶତକଡା ରୂପେ କିମ୍ବା ପ୍ରତି ସେୟାର ଅନୁସାରେ କିଛି ଲାଭ ହିସାବରେ ପ୍ରକାଶ କରାଯାଏ ।

## 37.2 ସେୟାରମାନଙ୍କ ପ୍ରକାରଭେଦ (Types of Shares)

ସେୟାର ଦୁଇ ପ୍ରକାରର

(i) ପ୍ରିଫର୍ଡ ସେୟାର (ii) ସାଧାରଣ ବା କମନ୍ ସେୟାର

ନିମ୍ନରେ ଆମେ ସେମାନଙ୍କ ବିଷୟରେ ଜାଣିବା

**(i)** **ପ୍ରିଫର୍ଡ ସେୟାର :** କମ୍ପାନୀର ଲାଭରୁ ଟ୍ୟାକ୍ସ, ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚକୁ ଭରଣା କଲାପରେ ଅବଶିଷ୍ଟ ଲାଭରୁ କିଛି ନିର୍ଦ୍ଦିଷ୍ଟ ଅର୍ଥ ଏହି ଅଂଶକ୍ରେତା ମାନଙ୍କୁ ଦିଆଯାଏ । ବେଳେବେଳେ ଲାଭରୁ ମିଳିଥିବା ଅର୍ଥ ଯଦି ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଯଥେଷ୍ଟ ହୁଏ ନାହିଁ, ସେତେବେଳେ ଏହି ଅଂଶକ୍ରେତା ମାନେ କୌଣସି ଲାଭାଂଶ ପାଆନ୍ତି ନାହିଁ ।

**(ii)** **କମନ୍ ସେୟାର ବା** ସାଧାରଣ ସେୟାର : ପ୍ରିଫର୍ଡ ସେୟାର ହୋଲଡର୍ ମାନେ ମୁନାଫା ପାଇ ସାରିବା ପରେ ଏହି ସେୟାର କିଣିଥିବା ଅଂଶକ୍ରେତା ମାନଙ୍କୁ ମୁନାଫା ଦିଆଯାଏ । ଏହି କାରଣ ପାଇଁ ଡିଭିଡେଣ୍ଡ ବା ମୁନାଫା ହାର ସ୍ଥିର ନରହି ବଦଳୁଥାଏ ।

## 37.3 ନିର୍ଦ୍ଧାରିତ ମୂଲ୍ୟ ଏବଂ ବିକ୍ରିମୂଲ୍ୟ (Face value and Market value of a share)

ଆମେ ଆଗରୁ କହିସାରିଛେ ଯେ କମ୍ପାନୀ ଯେଉଁ ମୂଲ୍ୟରେ ଅଂଶକ୍ରେତା ମାନଙ୍କୁ ସେୟାର ଯୋଗାଇଥାଏ, ତାକୁ ସେୟାରର ଫେସ୍‌ଭାଲ୍ୟୁ ବା ନିର୍ଦ୍ଧାରିତ ମୂଲ୍ୟ କୁହାଯାଏ ।

ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପରି ସେୟାର ମଧ୍ୟ ବଜାରରେ କିଣାବିକା କରାଯାଏ । ଏହି ବଜାରକୁ ''ଷ୍ଟକ୍ ଏକ୍ସଚେଞ୍ଜ'' କୁହାଯାଏ । ବଜାରରେ ଶେୟାର ମୂଲ୍ୟ ଯାହା ସ୍ଥିର ହୁଏ, ତାକୁ ତାର ମାର୍କେଟ ଭାଲ୍ୟୁ ବା ବିକ୍ରିମୂଲ୍ୟ କୁହାଯାଏ ।

ଅନ୍ୟାନ୍ୟ ଜିନିଷ ପରି, ବଜାରର ଆବଶ୍ୟକତା ଅନୁସାରେ ସେୟାରର ବିକ୍ରି ମୂଲ୍ୟରେ ପରିବର୍ତ୍ତନ ହୁଏ ।





(i) ଯେତେବେଳେ ଏକ ସେୟାରର ବିକ୍ରିମୂଲ୍ୟ ତାର ନିର୍ଦ୍ଧାରିତ ମୂଲ୍ୟ ସହିତ ସମାନ ଥାଏ, ସେତେବେଳେ ତାକୁ ସମତୁଲ୍ୟ ବିକ୍ରି କୁହାଯାଏ ।

(ii) ଯଦି ବିକ୍ରି ମୂଲ୍ୟ, ନିର୍ଦ୍ଧାରିତ ମୂଲ୍ୟ ଠାରୁ ଅଧିକ ହୁଏ, ସେତେବେଳେ ତାକୁ ପ୍ରିମିୟମ ବିକ୍ରି ଏବଂ ଯଦି ବିକ୍ରିମୂଲ୍ୟ ନିର୍ଦ୍ଧାରିତ ମୂଲ୍ୟଠାରୁ କମ୍ ହୁଏ, ତାକୁ ରିହାତି ବିକ୍ରି କୁହାଯାଏ ।

**ଟୀକା :** କମ୍ପାନୀ ସର୍ବଦା ନିର୍ଦ୍ଧାରିତ ମୂଲ୍ୟ ଉପରେ ଡିଭିଡେଣ୍ଡ ଦେଇଥାଏ, ବିକ୍ରିମୂଲ୍ୟ ଉପରେ ନୁହେଁ ।

**ଆସ କିଛି ଉଦାହରଣ ଦେଖିବା ।**

**ଉଦାହରଣ 37.1**

ରାମ୍‌ଲାଲ୍‌ଙ୍କ ପାଖରେ 10 ଟଙ୍କିଆ (ନିର୍ଦ୍ଧାରିତ ମୂଲ୍ୟ Rs. 10) 200 ଟି ସେୟାର ଅଛି । କମ୍ପାନୀ 8% ବାର୍ଷିକ ଡିଭିଡେଣ୍ଡ ପ୍ରକାଶ କଲା । ରାମଲାଲ୍ କେତେ ଡିଭିଡେଣ୍ଡ ପାଇବେ ନିର୍ଣ୍ଣୟ କର ।

**ସମାଧାନ :** ରାମଲାଲ୍‌ଙ୍କ ପାଖରେ ଥିବା ସେୟାରର ମୋଟ ନିର୍ଦ୍ଧାରିତ ମୂଲ୍ୟ = Rs. (200×10) = Rs. 2000

∴ ଡିଭିଡେଣ୍ଡ = Rs. (2000×8%) = Rs. 160

**ଉଦାହରଣ 37.2**

ଏକ କମ୍ପାନୀ ବଜାରକୁ 100 ଟଙ୍କିଆ 25000 ସେୟାର ଛାଡିଲା । ଯଦି କମ୍ପାନୀ ପୂରା Rs. 200000 ଡିଭିଡେଣ୍ଡ ଦେବାପାଇଁ ପ୍ରକାଶ କରେ ତେବେ କମ୍ପାନୀର ସେୟାର ପ୍ରତି ଡିଭିଡେଣ୍ଡ ନିର୍ଣ୍ଣୟ କର ।

**ସମାଧାନ :** ସେୟାର ସଂଖ୍ୟା = 25000

ପୂରା ଡିଭିଡେଣ୍ଡ ପରିମାଣ = 200000 ଟଙ୍କା

∴ ସେୟାର ପ୍ରତି ଡିଭିଡେଣ୍ଡ $= \frac{200000}{25000} = 8$ ଟଙ୍କା

ସେୟାରର ନିର୍ଦ୍ଧାରିତ ମୂଲ୍ୟ = 100 ଟଙ୍କା

∴ ଡିଭିଡେଣ୍ଡ ହାର = 8%

**ଉଦାହରଣ 37.3**

ରାମ ପାଖରେ ଏକ କମ୍ପାନୀର 10 ଟଙ୍କିଆ 2000 ପ୍ରିଫର୍ଡ ସେୟାର ଏବଂ 5000 ସାଧାରଣ ସେୟାର ଅଛି । ଯଦି ପ୍ରିଫର୍ଡ ସେୟାର ପାଇଁ 20% ଏବଂ ସାଧାରଣ ସେୟାର ପାଇଁ 12% ଡିଭିଡେଣ୍ଡ ଦିଆଯାଏ, ତେବେ ରାମ ବାର୍ଷିକ କେତେ ଡିଭିଡେଣ୍ଡ ପାଇବ ନିର୍ଣ୍ଣୟ କର ।

**ସମାଧାନ :** ପ୍ରିଫର୍ଡ ସେୟାର ଉପରେ ଡିଭିଡେଣ୍ଡ

= ପୂରା ନିର୍ଦ୍ଧାରିତ ମୂଲ୍ୟର 20%

$$= \text{Rs.}\left(\frac{20}{100} \times 2000 \times 10\right) = \text{Rs.}4000$$

ସାଧାରଣ ସେୟାର ଉପରେ ଡିଭିଡେଣ୍ଡ = ପୂରା ନିର୍ଦ୍ଧାରିତ ମୂଲ୍ୟର 12%

$$= \text{Rs.}\left(\frac{12}{100} \times 5000 \times 10\right) = \text{Rs.}6000$$

∴ ରାମର ପ୍ରାପ୍ୟ ପୂରା ଡିଭିଡେଣ୍ଡ = Rs. (4000+6000) = Rs. 10000

**ଉଦାହରଣ 37.4**

ଲାଲ୍‌ୱାନୀ ଗୋଟିଏ କମ୍ପାନୀର 100 ଟଙ୍କିଆ 1000ଟି ସେୟାର କିଣିଲେ । ସେୟାର ଗୁଡିକ ପାଇଁ ଯଦି 20% ବାର୍ଷିକ ଡିଭିଡେଣ୍ଡ ଦିଆଯାଏ, ତେବେ ସେ ତାଙ୍କ ବିନିଯୋଗ ଅର୍ଥର $12\frac{1}{2}\%$ ପାଇବେ । ସେୟାରର ବିକ୍ରିମୂଲ୍ୟ ନିର୍ଣ୍ଣୟ କର ।

**ସମାଧାନ :** ଲାଲ୍‌ୱାନୀ ପାଇବା ଡିଭିଡେଣ୍ଡ

$= \text{Rs.}\left(\frac{1000\times100\times20}{100}\right) = \text{Rs.}20000$

ମନେକର ଲାଲ୍‌ୱାନୀଙ୍କର ବିନିଯୋଗ ଅର୍ଥ = x ଟଙ୍କା

x ଟଙ୍କାର $12\frac{1}{2}\% = 20000$ ଟଙ୍କା

$\Rightarrow x = \frac{20000\times100\times2}{25}$ ଟଙ୍କା = 160000 ଟଙ୍କା

∴ 1000 ସେୟାରର ବିକ୍ରିମୂଲ୍ୟ = 160000 ଟଙ୍କା

∴ ପ୍ରତି ସେୟାରର ବିକ୍ରିମୂଲ୍ୟ = 160 ଟଙ୍କା

**ଉଦାହରଣ 37.5**

ଏକ କମ୍ପାନୀର 10 ଟଙ୍କିଆ 20% ଡିଭିଡେଣ୍ଡରେ 1000ଟି ସେୟାରକୁ ଜଣେ ଲୋକ ସେୟାର ପ୍ରତି 25 ଟଙ୍କାରେ ବିକ୍ରି କଲେ । ବିକ୍ରିଲବ୍ଧ ଅର୍ଥକୁ ସେ ଅନ୍ୟ ଏକ କମ୍ପାନୀର 100 ଟଙ୍କିଆ $12\frac{1}{2}\%$ ଡିଭିଡେଣ୍ଡର ସେୟାର ପ୍ରତି 125 ଟଙ୍କା ବିକ୍ରିମୂଲ୍ୟ ବିଶିଷ୍ଟ ସେୟାର କିଣାରେ ବିନିଯୋଗ କଲେ । ତାଙ୍କ ଆୟରେ କେତେ ପରିବର୍ତ୍ତନ ହେବ ନିର୍ଣ୍ଣୟ କର ।

**ସମାଧାନ :** 10 ଟଙ୍କିଆ 1000 ଟି ସେୟାରରେ ଡିଭିଡେଣ୍ଡ 20% ପାଇଁ ତାଙ୍କର ପ୍ରାପ୍ୟ

= ଟଙ୍କା $\left(\frac{1000\times10\times20}{1000}\right)$ ଟଙ୍କା = 2000 ଟଙ୍କା

ସେୟାର ପ୍ରତି 25 ଟଙ୍କାରେ 1000ଟି ସେୟାରର ବିକ୍ରିମୂଲ୍ୟ = ଟଙ୍କା (1000×25) = ଟଙ୍କା 25000

ସେୟାର ପ୍ରତି 125 ଟଙ୍କାରେ ସେ କିଣିଥିବା ନୂଆ ସେୟାର ସଂଖ୍ୟା $= \frac{25000}{125} = 200$

ପ୍ରତି ସେୟାରର ନିର୍ଦ୍ଧାରିତ ମୂଲ୍ୟ = 100 ଟଙ୍କା, ଡିଭିଡେଣ୍ଡ ହାର $= 12\frac{1}{2}\%$

∴ 100 ଟଙ୍କିଆ ସେୟାରରୁ ତାଙ୍କର ପ୍ରାପ୍ୟ ଡିଭିଡେଣ୍ଡ

$= \frac{200\times100\times25}{100\times2}$ = ଟଙ୍କା 2500

∴ ଆୟରେ ବୃଦ୍ଧି = ଟଙ୍କା (2500–2000) = ଟଙ୍କା 500

∴ ସେ ଅଧିକ 500 ଟଙ୍କା ଆୟ କରିବେ ।

**ଉଦାହରଣ 37.6**

25% ପ୍ରିମିୟମ୍‌ରେ ଅସିଫ୍ ଏକ କମ୍ପାନୀର 10 ଟଙ୍କିଆ 400ଟି ସେୟାର କିଣିଲେ । ଯେତେବେଳେ ପ୍ରତି ସେୟାରର ବିକ୍ରିମୂଲ୍ୟ ଟଙ୍କା 16.50 ହେଲା, ସେ ସେୟାର ଗୁଡ଼ିକୁ ବିକ୍ରି କଲେ । ଏହି କାରବାରରେ ତାଙ୍କର କେତେ ଲାଭ ହେଲା ନିର୍ଣ୍ଣୟ କର ।

**ସମାଧାନ :** ଅସିଫ୍ କିଣିଥିବା ପ୍ରତି ସେୟାର୍‌ର କ୍ରୟମୂଲ୍ୟ

= ଟ. $\left(10\times\frac{100+25}{100}\right)$ = ଟ. $12\frac{1}{2}$

ଅସିଫ୍ ପାଇଥିବା ସେୟାର ପ୍ରତି ବିକ୍ରି ମୂଲ୍ୟ =ଟ. $16\frac{1}{2}$

$\therefore$ ପ୍ରତି ସେୟାରରେ ଲାଭ ଟ. $\left(16\frac{1}{2}-12\frac{1}{2}\right)$ = ଟ. 4

$\therefore$ 400ଟି ସେୟାର ବିକ୍ରିରେ ଲାଭ = ଟ. 1600

## ଆସ ନିଜେ ନିଜକୁ ପରଖିବା 37.1

1. ଏକ କମ୍ପାନୀ ବାର୍ଷିକ 9% ହାରରେ ଡିଭିଡେଣ୍ଡ ଦେବା ପାଇଁ ଘୋଷଣା କଲେ । ଯଦି ରମେଶ 600 ଶେୟାର କିଣିଥା'ନ୍ତି (ପ୍ରତି ସେୟାରର ନିର୍ଦ୍ଧାରିତ ମୂଲ୍ୟ 10 ଟଙ୍କା), ତେବେ ସେ କେତେ ଡିଭିଡେଣ୍ଡ ପାଇବେ ନିର୍ଣ୍ଣୟ କର ।
2. ଅର୍ଦ୍ଧବାର୍ଷିକ 5% ଡିଭିଡେଣ୍ଡ ହାରରେ 100 ଟଙ୍କିଆ 500ଟି ସେୟାରରେ ବାର୍ଷିକ କେତେ ଡିଭିଡେଣ୍ଡ ମିଳିବ ନିର୍ଣ୍ଣୟ କର ।
3. ଏକ କମ୍ପାନୀ 10 ଟଙ୍କିଆ 25000 ସେୟାର ବଜାରକୁ ଛାଡିଲେ । ଯଦି କମ୍ପାନୀ ଡିଭିଡେଣ୍ଡ ବାବଦକୁ ମୋଟ ଟ. 40000 ପ୍ରଦାନ କରନ୍ତି, ତେବେ କମ୍ପାନୀର ଡିଭିଡେଣ୍ଡ ହାର ନିର୍ଣ୍ଣୟ କର ।
4. ଏକ କମ୍ପାନୀ ତାଙ୍କର ଟ. 2750000 ଷ୍ଟକ୍ ମୂଳଧନକୁ 100 ଟଙ୍କିଆ 7% ର 2500 ପ୍ରିଫର୍ଡ ସେୟାର ଏବଂ 10 ଟଙ୍କିଆ 25000 ସାଧାରଣ ସେୟାରରେ ଭାଗ କଲେ । ଯଦି କମ୍ପାନୀ ଟ. 270000 ନେଟ୍ ଲାଭ ଦର୍ଶାନ୍ତି ଏବଂ ଯେଉଁଥିରୁ ଟ. 160000 ଡିଭିଡେଣ୍ଡ ବାବଦରେ ବାଣ୍ଟିବାକୁ ସ୍ଥିର କରନ୍ତି, ତେବେ
   (i) ସାଧାରଣ ସେୟାର ପ୍ରତି ଡିଭିଡେଣ୍ଡ ହାର ନିର୍ଣ୍ଣୟ କର
   (ii) ଜଣେ ବ୍ୟକ୍ତି କଣିଥିବା 100 ଟି ପ୍ରିଫର୍ଡ ସେୟାର ଏବଂ 200 ଟି ସାଧାରଣ ସେୟାର ପାଇଁ କେତେ ଡିଭିଡେଣ୍ଡ ପାଇବେ ନିର୍ଣ୍ଣୟ କର ।
5. ଜଣେ ବ୍ୟକ୍ତି ଏକ କମ୍ପାନୀର 100 ଟଙ୍କିଆ 400 ଟି ସେୟାରକୁ ସେୟାର ପ୍ରତି ଟ. 125 ରେ କିଣିଲେ ଏବଂ ସେୟାର ପ୍ରତି ଟ. 45 ପ୍ରିମିୟମ୍‌ରେ ସେୟାର ଗୁଡିକୁ ବିକ୍ରି କଲେ । ଏହି କାରବାରରେ ତାଙ୍କର କେତେ ଲାଭ ହେଲା ନିର୍ଣ୍ଣୟ କର ।
6. ରମନ୍ ଏକ କମ୍ପାନୀର 100 ଟଙ୍କିଆ ବାର୍ଷିକ 20% ଡିଭିଡେଣ୍ଡରେ 250ଟି ସେୟାର ଏପରି ଦରରେ କିଣିଲେ ଯେ, ସେ ଡିଭିଡେଣ୍ଡ ବାବଦକୁ ତାଙ୍କ ବିନିଯୋଗ ଅର୍ଥର 10% ପାଇଲେ । ସେୟାରର ବଜାରଦର କେତେ ନିର୍ଣ୍ଣୟ କର ।
7. ରବି ଏକ କମ୍ପାନୀର 100 ଟଙ୍କିଆ 7.5% ଡିଭିଡେଣ୍ଡରେ 200ଟି ସେୟାରକୁ ସେୟାର ପ୍ରତି 120 ଟଙ୍କାରେ ବିକ୍ରି କଲେ । ସେ ସେହି ଅର୍ଥ ବିନିଯୋଗ କରି ଅନ୍ୟ ଏକ କମ୍ପାନୀର 10 ଟଙ୍କିଆ 10% ଡିଭିଡେଣ୍ଡରେ ସେୟାର ପ୍ରତି ଟ. 12.50 ରେ ସେୟାର କିଣିଲେ । ରବିର ଡିଭିଡେଣ୍ଡ ଆୟରେ କେତେ ପରିବର୍ତ୍ତନ ହେଲା ନିର୍ଣ୍ଣୟ କର ।
8. ଆକାଶ ଏକ କମ୍ପାନୀ A ର 100 ଟଙ୍କିଆ 10% ଡିଭିଡେଣ୍ଡରେ 2000 ଟି ସେୟାରକୁ ସେୟାର ପ୍ରତି 120 ଟଙ୍କାରେ ବିକ୍ରି କଲେ । ସେ ସେହି ଅର୍ଥକୁ ଅନ୍ୟ ଏକ କମ୍ପାନୀ B ର 25 ଟଙ୍କିଆ 15% ଡିଭିଡେଣ୍ଡରେ ସେୟାର ପ୍ରତି 40 ଟଙ୍କା ବଜାରଦର ବିଶିଷ୍ଟ ସେୟାର କିଣାରେ ବିନିଯୋଗ କଲେ ।
   (i) ଆକାଶ କମ୍ପାନୀ B ର କେତୋଟି ସେୟାର କିଣିଲେ ନିର୍ଣ୍ଣୟ କର ।
   (ii) ତାଙ୍କର ଡିଭିଡେଣ୍ଡ ଆୟରେ କେତେ ପରିବର୍ତ୍ତନ ହେବ ନିର୍ଣ୍ଣୟ କର ।

## 37.4 ଷ୍ଟକ୍ସ ଏବଂ ଦଲାଲ୍ କମିସନ୍ (Stocks and brokerage)

### 37.4.1 ଷ୍ଟକ

ଯଦି ଜଣେ ବ୍ୟକ୍ତିଙ୍କ ପାଖରେ ଗୋଟିଏ କମ୍ପାନୀର 100 ଟଙ୍କିଆ (ନିର୍ଦ୍ଧାରିତ ମୂଲ୍ୟ Rs. 100) 500 ଟି ସେୟାର ଥାଏ ତେବେ ତାଙ୍କ ପାଖରେ ସେହି କମ୍ପାନୀର ଟଙ୍କା $(500\times100)$ = 50000 ଟଙ୍କା ଷ୍ଟକ୍ ଅଛି ବୋଲି କୁହାଯାଏ ।

ସାଧାରଣତଃ ଷ୍ଟକ୍ ଗୁଡ଼ିକୁ ସେମାନଙ୍କ ଡିଭିଡେଣ୍ଡର ହାର ରୂପେ ନିଆଯାଏ । ତେଣୁ ଯଦି 100 ଟଙ୍କା ଷ୍ଟକ୍‌ରେ ଡିଭିଡେଣ୍ଡ 10 ଟଙ୍କା ହୁଏ, ତେବେ ଏହାକୁ ''10% ଷ୍ଟକ୍'' କୁହାଯାଏ ଏବଂ ଯଦି ଷ୍ଟକ୍‌ର ବଜାରଦର 125 ଟଙ୍କା ହୁଏ, ତେବେ ଆମେ ଏହାକୁ ''125 ଟଙ୍କାରେ 10% ଷ୍ଟକ୍'' ବୋଲି କହୁ । ଆମେ ମନେ ପକାଇବା ଯେ ଡିଭିଡେଣ୍ଡ ସର୍ବଦା ନିର୍ଦ୍ଧାରିତ ମୂଲ୍ୟ ଉପରେ ହିସାବ କରାଯାଏ ।

### 37.4.2 ଦଲାଲ କମିସନ୍

ବଜାରରେ ଦଲାଲ୍ ମାନଙ୍କ ଦ୍ୱାରା ଷ୍ଟକ୍‌ର କିଣା ବିକା ହୁଏ, ଯିଏକି ତାର କାମ ପାଇଁ କିଛି ଟଙ୍କା ନିଅନ୍ତି । ଏହି ଟଙ୍କାକୁ ଦଲାଲ୍ କମିଶନ (Brokerage) କୁହାଯାଏ ।

ସାଧାରଣତଃ ଷ୍ଟକ୍‌ର ବିକ୍ରିମୂଲ୍ୟର କିଛି ଶତକଡା ହିସାବରେ କମିଶନ୍ ନିଆଯାଏ କିମ୍ବା ପ୍ରତି ଷ୍ଟକ୍‌ରେ କିଛି ନିର୍ଦ୍ଦିଷ୍ଟ ଟଙ୍କା ହିସାବରେ ଏହା ନିଆଯାଏ ।

### 37.4.3 ଦଲାଲ୍ କମିସନ୍ ପାଇଁ ନିୟମ (Rule for Brokerage)

(i) ଯେତେବେଳେ ଷ୍ଟକ୍ କିଣାଯାଏ, ସେତେବେଳେ ତାର ବିକ୍ରିମୂଲ୍ୟ ସହ ଦଲାଲ୍ କମିସନ୍ ଯୋଗ କରାଯାଏ ।

(ii) ଯେତେବେଳେ ଷ୍ଟକ୍ ବିକ୍ରି କରାଯାଏ, ସେତେବେଳେ ତାର ବିକ୍ରିମୂଲ୍ୟରୁ ଦଲାଲ କମିସନ୍ ବିୟୋଗ କରାଯାଏ ।

## 37.5 ଷ୍ଟକ୍ ଉପରେ ଆୟ (Income on Stock)

ବର୍ତ୍ତମାନ ଆମେ ଉଦାହରଣ ମାଧ୍ୟମରେ କିପରି ଷ୍ଟକ୍ ଉପରେ ଆୟ ହିସାବ କରାଯାଏ ବର୍ଣ୍ଣନା କରିବା ।

**ଉଦାହରଣ 37.7** 120 ଟଙ୍କା ବିକ୍ରି ଦରରେ କିଣାଯାଇଥିବା 46000 ଟଙ୍କାର 8% ଷ୍ଟକ୍ ଉପରେ ଆୟ ନିର୍ଣ୍ଣୟ କର ।

**ସମାଧାନ :** ଏଠାରେ ଷ୍ଟକ୍‌ର ନିର୍ଦ୍ଧାରିତ ମୂଲ୍ୟ 46000 ଟଙ୍କା

100 ଟଙ୍କାରେ ଆୟ = 8 ଟଙ୍କା

46000 ଟଙ୍କାରେ ଆୟ $= \left(\frac{8}{100} \times 46000\right)$ ଟଙ୍କା = 3680 ଟଙ୍କା

**ଉଦାହରଣ 37.8** 120 ଟଙ୍କା ବିକ୍ରି ଦରରେ 12% ଷ୍ଟକ୍ ପାଇଁ ଜଣେ ବ୍ୟକ୍ତି 36300 ଟଙ୍କା ବିନିଯୋଗ କଲେ । ଯଦି ଦଲାଲ୍ କମିସନ୍ 1 ଟଙ୍କା ହୁଏ, ତେବେ ତାଙ୍କର ଆୟ ନିର୍ଣ୍ଣୟ କର ।

**ସମାଧାନ :** ନିୟମ (i) ଅନୁସାରେ ବିକ୍ରିମୂଲ୍ୟ = (120+1) ଟଙ୍କା = 121 ଟଙ୍କା

$\therefore$ କ୍ରୟ କରାଯାଇଥିବା ଷ୍ଟକର ମୂଲ୍ୟ$= \frac{36300 \times 100}{121}$ ଟଙ୍କା = 30000 ଟଙ୍କା

$\therefore$ ସେହି ବ୍ୟକ୍ତିଙ୍କର ଆୟ $= \frac{30000 \times 12}{100}$ ଟଙ୍କା = 3600 ଟଙ୍କା

**ଉଦାହରଣ 37.9** ଡିଭିଡେଣ୍ଡ ଉପରେ 10% ଆୟକର ଦେବାପରେ 16200 ଟଙ୍କା ବାର୍ଷିକ ଆୟ ପାଇଁ 9% ଷ୍ଟକ୍‌ରେ କେତେ ଟଙ୍କା ବିନିଯୋଗ କରିବାକୁ ପଡିବ ନିର୍ଣ୍ଣୟ କର ।

**ସମାଧାନ :** 100 ଟଙ୍କା ଷ୍ଟକ୍ ଉପରେ ଆୟ = 9 ଟଙ୍କା

ଆୟକର $= \frac{10}{100} \times 9 = 0 \cdot 90$ ଟଙ୍କା

100 ଟଙ୍କାରେ ନେଟ୍ ଆୟ = (9.0–0.9) ଟଙ୍କା = 8.10 ଟଙ୍କା

ଟଙ୍କା 8.10 ଆୟ ହୁଏ 100 ଟଙ୍କା ବିନିଯୋଗ କଲେ

ଟଙ୍କା 16200 ଆୟ ହେବ $= \frac{16200 \times 1000}{81}$ ଟଙ୍କା = 200000 ଟଙ୍କା

## 37.6 ଷ୍ଟକ୍‌ର ବିକ୍ରିମୂଲ୍ୟ (Market value of a stock)

ଯଦି ଏକ ଷ୍ଟକ୍‌ର ନିର୍ଦ୍ଧାରିତ ମୂଲ୍ୟ ଦିଆଯାଇଥାଏ, ତେବେ ଷ୍ଟକ୍‌ର ଏକକ ପ୍ରତି ବିକ୍ରିମୂଲ୍ୟ ବାହାର କଲାପରେ, ଏହାର ବିକ୍ରିମୂଲ୍ୟ ବାହାର କରିପାରିବା । ବର୍ତ୍ତମାନ ଏହାକୁ ଉଦାହରଣ ମାଧ୍ୟମରେ ଦେଖିବା ।

**ଉଦାହରଣ 37.10** ଷ୍ଟକ୍‌ର ବିକ୍ରିଦର 95 ଟଙ୍କା ହେଲେ 9600 ଟଙ୍କାର ଷ୍ଟକ କିଣିବା ପାଇଁ କେତେ ଟଙ୍କା ବିନିଯୋଗ କରିବାକୁ ପଡିବ ?

**ସମାଧାନ :** Rs. 100 ଷ୍ଟକର ବିକ୍ରିମୂଲ୍ୟ = Rs. 95

9600 ଟଙ୍କା ଷ୍ଟକ୍‌ର ବିକ୍ରିମୂଲ୍ୟ = ଟଙ୍କା $=\left(\frac{95\times 9600}{100}\right)=9120$ ଟଙ୍କା

**ଉଦାହରଣ 37.11** ଜଣେ ବ୍ୟକ୍ତି 4250 ଟଙ୍କାର 8% ଷ୍ଟକ୍‌କୁ ଷ୍ଟକ୍ ପ୍ରତି 96 ଟଙ୍କା ଦରରେ ବିକ୍ରି କଲେ । ବିକ୍ରିଲବ୍ଧ ଅର୍ଥକୁ ବିନିଯୋଗ କରି 12% ଷ୍ଟକ୍‌କୁ ଷ୍ଟକ୍ ପ୍ରତି 102 ଟଙ୍କାରେ କିଣିଲେ । ତାଙ୍କ ପାଖରେ ବର୍ତ୍ତମାନ କେତେ ଷ୍ଟକ୍ ରହିଲା ?

**ସମାଧାନ :** Rs. 100 ଷ୍ଟକ୍ ବିକ୍ରି ହେବ Rs. 96

4250 ଟଙ୍କା ଷ୍ଟକ୍‌ର ବିକ୍ରିମୂଲ୍ୟ = ଟଙ୍କା $\left(\frac{96\times 4250}{100}\right)=4080$ ଟଙ୍କା

ଦ୍ୱିତୀୟ କ୍ଷେତ୍ରରେ ଟଙ୍କା 102 ବିନିଯୋଗରେ ମିଳିବ 100 ଟଙ୍କାର ଷ୍ଟକ । 4080 ଟଙ୍କା ବିନିଯୋଗରେ ମିଳିବ

$\left(\frac{100\times 4080}{102}\right)$ ଟଙ୍କାର ଷ୍ଟକ୍ = 4000 ଟଙ୍କାର ଷ୍ଟକ୍

## 37.7 ଷ୍ଟକ ଗୁଡିକର କିଣା ଓ ବିକା (Sale and purchase of stocks)

ବଜାର ଅବସ୍ଥା ଅନୁସାରେ ଷ୍ଟକ ଗୁଡିକର ବିକ୍ରି ମୂଲ୍ୟରେ ପରିବର୍ତ୍ତନ ହୋଇଥାଏ । କେତେକ ଷ୍ଟକ ହୋଲଡର୍ ସେମାନଙ୍କ ଷ୍ଟକ୍ ଗୁଡିକୁ ବିକ୍ରି କରି ଅଧିକ ଲାଭଦାୟକ ଷ୍ଟକ କିଣିବାରେ ବିକ୍ରି ଲବ୍ଧ ଅର୍ଥକୁ ବିନିଯୋଗ କରନ୍ତି ଅଧିକ ଆୟ କରିବା ପାଇଁ ।

ଏହାକୁ ଆମେ ଉଦାହରଣ ମାଧ୍ୟମରେ ଦେଖିବା ।

**ଉଦାହରଣ 37.12** ଜଣେ ବ୍ୟକ୍ତି ପ୍ରତି ଷ୍ଟକ୍‌କୁ 92 ଟଙ୍କା ଦରରେ ଟଙ୍କା 12000 ର 10% ଷ୍ଟକ କିଣିଲେ । ଯେତେବେଳେ ଷ୍ଟକ୍‌ର ମୂଲ୍ୟ ବଢି 98 ଟଙ୍କା ହେଲା, ସେତେବେଳେ କିଣିଥିବା ଷ୍ଟକ୍‌କୁ ବିକ୍ରିକଲେ, ତାଙ୍କର ସମୁଦାୟ ଲାଭ ଏବଂ ଶତକଡା ଲାଭ କେତେ ହେବ ?

**ସମାଧାନ :** 12000 ଟଙ୍କାର ଷ୍ଟକ କ୍ରୟ ପାଇଁ ବିନିଯୁକ୍ତ ଅର୍ଥ = ଟଙ୍କା $\left(\frac{92\times 12000}{100}\right)$ ଟଙ୍କା = 11040 ଟଙ୍କା

ଷ୍ଟକର ବିକ୍ରିଲବ୍ଧ ଅର୍ଥ = $\left(\frac{98\times 12000}{100}\right)$ ଟଙ୍କା = 11760 ଟଙ୍କା

ଲାଭ = (11760–11040) ଟଙ୍କା = 720 ଟଙ୍କା

ଶତକଡା ଲାଭ $=\frac{720}{11040}\times 100=6\cdot 52$

**ଉଦାହରଣ 37.13** ଷ୍ଟକ ପ୍ରତି 98 ଟଙ୍କା ଦରରେ ଜଣେ ବ୍ୟକ୍ତି 7% ଷ୍ଟକ୍ କିଣିବାରେ 28000 ଟଙ୍କା ବିନିଯୋଗ କଲେ । ଯେତେବେଳେ ଷ୍ଟକର ମୂଲ୍ୟ 105 ଟଙ୍କା ହେଲା, ସେ ଷ୍ଟକ ଗୁଡିକୁ ବିକ୍ରି କଲେ । ସେହି ଅର୍ଥକୁ ଷ୍ଟକ ପ୍ରତି 120 ଟଙ୍କା ବଜାରଦର ବିଶିଷ୍ଟ 12% ଷ୍ଟକରେ ବିନିଯୋଗ କଲେ । ତାଙ୍କ ଆୟରେ କେତେ ପରିବର୍ତ୍ତନ ହେବ ନିର୍ଣ୍ଣୟ କର ।





ଟିପ୍ପଣୀ



ଟିପ୍ପଣୀ

**ସମାଧାନ :** ପ୍ରଥମ ଷ୍ଟକ୍‌ରୁ ପ୍ରାପ୍ତ ଆୟ ହେବ = $\left(\frac{7 \times 28000}{98}\right)$ଟଙ୍କା = 2000 ଟଙ୍କା

ଷ୍ଟକ୍‌ର ବିକ୍ରି ଲବ୍ଧ ଅର୍ଥ = $\left(\frac{105 \times 28000}{98}\right)$ଟଙ୍କା = 30000 ଟଙ୍କା

ଦ୍ୱିତୀୟ ଷ୍ଟକ୍‌ରୁ ପ୍ରାପ୍ତ ଆୟ = $\left(\frac{30000 \times 12}{120}\right)$ଟଙ୍କା = 3000 ଟଙ୍କା

∴ ଆୟ ବୃଦ୍ଧି = ଟଙ୍କା (3000–2000) = 1000 ଟଙ୍କା

**ଉଦାହରଣ 37.14** ରାମଲାଲ୍‌କୁ ଏକ କମ୍ପାନୀର 9% ଡିଭିଡେଣ୍ଡ ବିଶିଷ୍ଟ 10 ଟଙ୍କିଆ 450 ସେୟାର, ସେୟାର ପ୍ରତି 18 ଟଙ୍କା ଦରରେ ବିକ୍ରିକଲେ । ବିକ୍ରିଲବ୍ଧ ଅର୍ଥକୁ ଅନ୍ୟ ଏକ କମ୍ପାନୀର $3\frac{1}{2}\%$ ଡିଭିଡେଣ୍ଡ ଦେଉଥିବା 5 ଟଙ୍କିଆ ଶେୟାରକୁ 4.50 ଟଙ୍କା ଦରରେ କିଣିଲେ । ତାଙ୍କ ଆୟରେ କେତେ ପରିବର୍ତ୍ତନ ହେବ ନିର୍ଣ୍ଣୟ କର ।

**ସମାଧାନ :** 450 ସେୟାର ପାଇଁ ସେ ଡିଭିଡେଣ୍ଡ ପାଇବ

= $\frac{450 \times 10 \times 9}{100}$ଟଙ୍କା = 405 ଟଙ୍କା

450 ସେୟାରର ବିକ୍ରି ଲବ୍ଧ ଅର୍ଥ

= (450×18) ଟଙ୍କା = 8100 ଟଙ୍କା

ଦ୍ୱିତୀୟ କମ୍ପାନୀରୁ କିଣିଥିବା ସେୟାର ସଂଖ୍ୟା $= 8100 \times \frac{2}{9} = 1800$

ଦ୍ୱିତୀୟ କମ୍ପାନୀରୁ ପ୍ରାପ୍ତ ଆୟ

= $\frac{1800 \times 5 \times 7}{100 \times 2}$ଟଙ୍କା = 315 ଟଙ୍କା

∴ ତାଙ୍କର ଆୟରେ ହ୍ରାସ = ଟଙ୍କା (405–315) = Rs. 90 ଟଙ୍କା

## 37.8 ବିଭିନ୍ନ ଷ୍ଟକ୍ସ ଏବଂ ଆଂଶିକ ବିନିଯୋଗ (Different stocks - part investment)

ଅଧିକ ଅର୍ଥ ଆୟ କରିବା ପାଇଁ ଜଣେ ବିନିଯୋଗକାରୀ ତାଙ୍କ ମୂଳଧନକୁ ବିଭିନ୍ନ ପ୍ରକାରର ଅଧିକ ସଂଖ୍ୟକ ଷ୍ଟକ୍‌ରେ ବିନିଯୋଗ କରିଥାନ୍ତି । ବିଭିନ୍ନ ପ୍ରକାରର ଷ୍ଟକ୍‌ରୁ ମିଳୁଥିବା ଆୟର ସମଷ୍ଟି ସହ ତାଙ୍କର ସମୁଦାୟ ଆୟ ସମାନ ହୋଇଥାଏ । ବିପରୀତ କ୍ରମେ ଯଦି ବିଭିନ୍ନ ଷ୍ଟକରୁ ଆୟ ଜଣାଥାଏ, ତେବେ ସମସ୍ତ ଷ୍ଟକ୍‌ରେ ବିନିଯୋଗ ହୋଇଥିବା ଅର୍ଥ ମଧ୍ୟ ନିର୍ଣ୍ଣୟ କରାଯାଇପାରିବ ।

**ଉଦାହରଣ 37.15** ମୋହନ 15000 ଟଙ୍କାର ଏକ ଅଂଶ, 90 ଟଙ୍କା ବଜାର ଦର ବିଶିଷ୍ଟ 5% ଷ୍ଟକ୍‌ରେ ବିନିଯୋଗ କଲେ ଏବଂ ଅବଶିଷ୍ଟ ଅଂଶ 120 ଟଙ୍କା ବଜାରଦର ବିଶିଷ୍ଟ 7% ଷ୍ଟକରେ ବିନିଯୋଗ କଲେ । ଯଦି ତାଙ୍କର ଷ୍ଟକ୍ସରୁ ସମୁଦାୟ ଆୟ 855 ଟଙ୍କା ହୁଏ, ତେବେ ସେ କେଉଁ ଷ୍ଟକ୍‌ରେ କେତେ ବିନିଯୋଗ କରିଥିଲେ ?

**ସମାଧାନ :** (i) ମନେକର 5% ଷ୍ଟକ୍‌ରେ ବିନିଯୋଗ କରିଥିବା ଅର୍ଥ = x ଟଙ୍କା

(ii) 7% ଷ୍ଟକ୍‌ରେ ବିନିଯୋଗ କରିଥିବା ଅର୍ଥ = (15000–x) ଟଙ୍କା

∴ (i) ଷ୍ଟକ୍‌ରୁ ପ୍ରାପ୍ତ ଆୟ $= \frac{x \times 5}{90}$ ଟଙ୍କା $= \frac{x}{18}$ ଟଙ୍କା

(ii) ଷ୍ଟକ୍‌ରୁ ପ୍ରାପ୍ତ ଆୟ $= (15000 - x)\frac{7}{120}$ ଟଙ୍କା

$\therefore$ ସମୁଦାୟ ଆୟ $= 855 = \dfrac{x}{18} + \dfrac{105000 - 7x}{120}$

$\Rightarrow 855 \times 360 = 20x + 105000 \times 3 - 21x$

$\Rightarrow x = 315000 - 307800 = 7200$

$\therefore$ ପ୍ରଥମ ଷ୍ଟକ୍‌ରେ ବିନିଯୁକ୍ତ ଅର୍ଥ = 7200 ଟଙ୍କା

ଦ୍ୱିତୀୟ ଷ୍ଟକ୍‌ରେ ବିନିଯୋଗ କରିଥିବା ଅର୍ଥ = (15000–7200) ଟଙ୍କା = 7800 ଟଙ୍କା

**ଉଦାହରଣ 37.16** 188000 ଟଙ୍କାର ଗୋଟିଏ ଅଂଶକୁ A 88 ଟଙ୍କା ବଜାର ଦର ବିଶିଷ୍ଟ 6% ଷ୍ଟକ୍‌ରେ ବିନିଯୋଗ କଲେ ଏବଂ ଅବଶିଷ୍ଟ ଅଂଶକୁ 99 ଟଙ୍କା ବଜାର ଦର ବିଶିଷ୍ଟ 5% ଷ୍ଟକରେ ବିନିଯୋଗ କଲେ । ଯଦି ଦୁଇଟି ଯାକ ଷ୍ଟକ୍‌ରୁ ତାଙ୍କର ସମାନ ଆୟ ହୁଏ, ତେବେ ସେ କେଉଁ ଷ୍ଟକ୍‌ରେ କେତେ ଟଙ୍କା ବିନିଯୋଗ କରିଥିଲେ ।

**ସମାଧାନ :** ମନେକର ସେ 88 ଟଙ୍କା ବଜାର ଦର ବିଶିଷ୍ଟ 6% ଷ୍ଟକ୍‌ରେ ବିନିଯୋଗ କରିଥିଲେ x ଟଙ୍କା ଏବଂ 99 ଟଙ୍କା ବଜାର ଦର ବିଶିଷ୍ଟ 5% ଷ୍ଟକରେ ବିନିଯୋଗ କରିଥିଲେ (188000 – x) ଟଙ୍କା

$\therefore$ ତାଙ୍କର ପ୍ରଥମ ଷ୍ଟକ୍‌ରୁ ପ୍ରାପ୍ତ ଆୟ $= \dfrac{x \times 6}{88}$ ଟଙ୍କା ... (i)

ଦ୍ୱିତୀୟ ଷ୍ଟକ୍‌ରୁ ପ୍ରାପ୍ତ ଆୟ $= (188000 - x) \times \dfrac{5}{99}$ ଟଙ୍କା ... (ii)

ଦତ୍ତ ଅଛି ଯେ, (i) ଏବଂ (ii) ରୁ ପ୍ରାପ୍ତ ଆୟ ସମାନ

$\therefore \dfrac{6x}{88} = \dfrac{(188000 - x) \times 5}{99}$

$\Rightarrow 27x = 188000 \times 20 - 20x$

$\Rightarrow 47x = 188000 \times 20$

$\Rightarrow x = 80000$

$\therefore$ 88 ଟଙ୍କା ବଜାର ଦର ବିଶିଷ୍ଟ 6% ଷ୍ଟକ୍‌ରେ ବିନିଯୋଗ କରିଥିବା ଅର୍ଥ = 80000 ଟଙ୍କା

99 ଟଙ୍କା ବଜାର ଦର ବିଶିଷ୍ଟ 5% ଷ୍ଟକ୍‌ରେ ବିନିଯୋଗ କରିଥିବା ଅର୍ଥ = 108000 ଟଙ୍କା

**ଉଦାହରଣ 37.17** କେଉଁ ବିନିଯୋଗଟି ଅଧିକ ଲାଭଦାୟକ : 95 ଟଙ୍କା ଦରରେ 14% ଷ୍ଟକ କିମ୍ବା 105 ଟଙ୍କା ଦରରେ 15% ଷ୍ଟକ୍ ?

**ସମାଧାନ :** ମନେକର ପ୍ରତ୍ୟେକରେ ବିନିଯୋଗ କରାଯାଇଥିବା ଟଙ୍କା = (95×105) ଟଙ୍କା

ପ୍ରଥମ ଷ୍ଟକ୍‌ରୁ ଆୟ $= \dfrac{14}{95}(95 \times 105) = 1470$ ଟଙ୍କା

ଦ୍ୱିତୀୟ ଷ୍ଟକ୍‌ରୁ ଆୟ $= \dfrac{15}{105}(95 \times 105) = 1425$ ଟଙ୍କା

ପ୍ରଥମରୁ ଆୟ > ଦ୍ୱିତୀୟରୁ ଆୟ

$\therefore$ ପ୍ରଥମଟି ଭଲ ବିନିଯୋଗ

## ଆସ ନିଜେ ନିଜକୁ ପରଖିବା 37.2

1. ଆୟ ନିର୍ଣ୍ଣୟ କର
   (a) 110 ଟଙ୍କା ଦରରେ 50000 ଟଙ୍କାର 8% ଷ୍ଟକ୍ କିଣିବା
   (b) 130 ଟଙ୍କା ଦରରେ 14000 ଟଙ୍କାର 16% ଷ୍ଟକ୍ କିଣିବା
2. ନିମ୍ନରେ ଦିଆଯାଇଥିବା ବିନିଯୋଗରୁ ଆୟ ନିର୍ଣ୍ଣୟ କର
   (a) 110 ଟଙ୍କା ଦରର 11% ଷ୍ଟକ୍‌ରେ 10000 ଟଙ୍କା ବିନିଯୋଗ କରିବା
   (b) 123 ଟଙ୍କା ଦରର 15% ଷ୍ଟକ୍‌ରେ 36900 ଟଙ୍କା ବିନିଯୋଗ କରିବା
3. 115 ଟଙ୍କା ଦରର 10% ଷ୍ଟକ୍‌ରେ ରେଣୁକା 58000 ଟଙ୍କା ବିନିଯୋଗ କଲେ । ଯଦି ସେ 1 ଟଙ୍କା ଦଲାଲ୍ କମିସନ ଦିଅନ୍ତି, ତେବେ ତାଙ୍କର ଆୟ ନିର୍ଣ୍ଣୟ କର ।
4. 90 ଟଙ୍କା ଦରର $7\frac{1}{2}\%$ ଷ୍ଟକ୍‌ରେ କେତେ ଟଙ୍କା ବିନିଯୋଗ କଲେ 3750 ଟଙ୍କା ଆୟ ହେବ ଯଦି ଦଲାଲ୍ କମିସନ୍ 2% ହୋଇଥାଏ ?
5. ଜଣେ ବ୍ୟକ୍ତି 6250 ଟଙ୍କାର 8% ଷ୍ଟକ୍‌କୁ 104 ଟଙ୍କା ଦରରେ ବିକ୍ରି କଲେ ଓ ସେହି ଅର୍ଥ ବିନିଯୋଗ କରି 12% ଷ୍ଟକ୍‌କୁ 130 ଟଙ୍କା ଦରରେ କିଣିଲେ । ବର୍ତ୍ତମାନ ସେହି ବ୍ୟକ୍ତିଙ୍କ ପାଖରେ କେତେ ଷ୍ଟକ୍ ରହିବ ନିର୍ଣ୍ଣୟ କର ।
6. ଜଣେ ବ୍ୟକ୍ତି 12500 ଟଙ୍କାର 8% ଷ୍ଟକ୍ 95 ଟଙ୍କା ଦରରେ କିଣିଲେ ଏବଂ ଯେତେବେଳେ ଦର 107 ଟଙ୍କା ହେଲା, ସେଗୁଡିକୁ ବିକ୍ରି କଲେ । ଯଦି ଦଲାଲ୍ କମିସନ୍ 1 ଟଙ୍କା ହୁଏ, ତେବେ ତାଙ୍କର କେତେ ଲାଭ ଏବଂ କେତେ ଶତକଡା ଲାଭ ହେବ ନିର୍ଣ୍ଣୟ କର ।
7. ନିମ୍ନଲିଖିତ ମଧ୍ୟରୁ କେଉଁ ବିନିଯୋଗଟି ଅଧିକ ଭଲ ?
   (i) 91 ଟଙ୍କା ଦରର 9% ଷ୍ଟକ୍ କିମ୍ବା 121 ଟଙ୍କା ଦରର 12% ଷ୍ଟକ୍
   (ii) 110 ଟଙ୍କା ଦରର 11% ଷ୍ଟକ୍ କିମ୍ବା 60 ଟଙ୍କା ଦରର 5% ଷ୍ଟକ୍
8. 90 ଟଙ୍କା ଦରର 8% ଷ୍ଟକ୍ ପାଇଁ ଜଣେ ବ୍ୟକ୍ତି 18000 ଟଙ୍କା ବିନିଯୋଗ କଲେ ଏବଂ ଷ୍ଟକ୍‌କୁ 95 ଟଙ୍କାରେ ବିକ୍ରି କଲେ ଏବଂ ବିକ୍ରିଲବ୍ଧ ଅର୍ଥକୁ 12% ଷ୍ଟକ୍‌ରେ ବିନିଯୋଗ କରି 680 ଟଙ୍କା ଅଧିକ ଆୟ ପାଇଲେ । ସେ ଦ୍ୱିତୀୟ ଷ୍ଟକ୍‌କୁ କେତେ ଟଙ୍କା ଦରରେ କିଣିଲେ ?
9. ବନ୍ଦନା 12000 ଟଙ୍କାର ଗୋଟିଏ ଅଂଶକୁ 75 ଟଙ୍କା ଦରର 3% ଷ୍ଟକ୍‌ରେ ବିନିଯୋଗ କଲେ ଏବଂ ଅବଶିଷ୍ଟ ଅଂଶକୁ 96 ଟଙ୍କା ଦରର 4% ଷ୍ଟକ୍‌ରେ ବିନିଯୋଗ କଲେ । ଯଦି ଉଭୟ ଷ୍ଟକ୍‌ରୁ ତାଙ୍କର ଆୟ 492 ଟଙ୍କା ହୁଏ, ତେବେ ପ୍ରତ୍ୟେକ ଷ୍ଟକ୍‌ରେ ସେ କେତେ ଟଙ୍କା ବିନିଯୋଗ କରିଥିଲେ ?

## 37.9 ଡିବେଞ୍ଚର (Debentures)

ମୂଳଧନ ସବୁବେଳେ ସେୟାର ମାଧ୍ୟମରେ ଉଠାଯାଏ ନାହିଁ । ଏହା ବେଳେବେଳେ ଋଣ ମାଧ୍ୟମରେ ମଧ୍ୟ ଉଠାଯାଏ । ଏହି ଋଣକୁ ତମସୁକ ବା ଡିବେଞ୍ଚର ରୂପରେ ନିଆଯାଏ ।

ଡିବେଞ୍ଚର ହେଉଛି କୌଣସି କମ୍ପାନୀ ଦ୍ୱାରା ନିଆଯାଇଥିବା ଋଣର ଲିଖିତ ସ୍ୱୀକୃତି ପତ୍ର । କମ୍ପାନୀର ଲାଭ ହେଉ ଅଥବା କ୍ଷତି ହେଉ, ଡିବେଞ୍ଚରରେ ଋଣ ପରିଶୋଧର ନିର୍ଦ୍ଦିଷ୍ଟ ସମୟ ସୀମା ତଥା ସୁଧର ହାର ବିଷୟରେ ରାଜିନାମା ଲେଖାଥାଏ । ତେଣୁ ଡିବେଞ୍ଚର ହୋଲଡର୍ ମାନେ କମ୍ପାନୀର ଋଣଦାତା । ଅବଶ୍ୟ କମ୍ପାନୀ ଦ୍ୱାରା ଘୋଷଣା କରାଯାଇଥିବା ଲାଭରେ ତାଙ୍କର କୌଣସି ଅଧିକାର ନଥାଏ । ସେୟାର ଭଳି ଡିବେଞ୍ଚର ମଧ୍ୟ ବଜାରରେ କିଣା ବିକା ହୁଏ ଏବଂ ସେୟାରରେ ଲାଗୁଥିବା ସମସ୍ତ ନିୟମ ସମାନ ଅର୍ଥ ସହିତ ଏଥିରେ ମଧ୍ୟ ଲାଗୁହୁଏ । ବର୍ତ୍ତମାନ କିଛି ଉଦାହରଣ ନେବା ।

**ଉଦାହରଣ 37.18** 100 ଟଙ୍କା ନିର୍ଦ୍ଧାରିତ ମୂଲ୍ୟ ବିଶିଷ୍ଟ 10% ଡିବେଞ୍ଚରର ବିକ୍ରି ମୂଲ୍ୟ 125 ଟଙ୍କା ହେଲେ ଜଣେ ନିବେଶକର ଶତକଡା ଆୟ ନିର୍ଣ୍ଣୟ କର ।





**ସମାଧାନ :** 125 ଟଙ୍କାରେ ଆୟ = 10 ଟଙ୍କା

100 ଟଙ୍କାରେ ଆୟ = $\frac{10}{125}\times 100 = 8$ ଟଙ୍କା

$\therefore$ ଶତକଡା ଆୟ = 8%

**ଉଦାହରଣ 37.19** ଶାମ ପାଖରେ ଏକ କମ୍ପାନୀର 10 ଟଙ୍କିଆ 1000 ଟି ସେୟାର ଏବଂ 100 ଟଙ୍କା ପାର୍ ମୂଲ୍ୟର 200 ଟି ଡିବେଞ୍ଚର ଅଛି । ଯଦି କମ୍ପାନୀ ବାର୍ଷିକ 10% ଡିଭିଡେଣ୍ଡ ପ୍ରଦାନ କରେ ଏବଂ ଡିବେଞ୍ଚର ଉପରେ 15% ସୁଧ ଦିଏ, ତେବେ ଶାମର ସମୁଦାୟ ଆୟ ଏବଂ ତାଙ୍କ ବିନିଯୋଗ ଉପରେ ପାଉଥିବା ଆୟ (ରିଟର୍ଣ୍ଣ)ର ହାର ନିର୍ଣ୍ଣୟ କର ।

**ସମାଧାନ :** 1000 ଟି ସେୟାର ପାଇଁ ପ୍ରାପ୍ତ ଡିଭିଡେଣ୍ଡ = ଟଙ୍କା $\left(\frac{1000\times 10\times 10}{100}\right)$ଟଙ୍କା = 1000 ଟଙ୍କା

200 ଟି ଡିବେଞ୍ଚର ପାଇଁ ପ୍ରାପ୍ତ ବାର୍ଷିକ ସୁଧ = $\left(\frac{200\times 100\times 15}{100}\right)$ଟଙ୍କା = 3000 ଟଙ୍କା

$\therefore$ ଶାମର ସମୁଦାୟ ଆୟ = Rs. 4000

ଶାମର ସମୁଦାୟ ବିନିଯୋଗ = ଟଙ୍କା (1000×10+200×100) = 30000 ଟଙ୍କା

$\therefore$ ରିଟର୍ଣ୍ଣ ହାର $=\left(\frac{4000\times 100}{30000}\right)\% = 13\cdot 33\%$

## ଆସ ନିଜେ ନିଜକୁ ପରଖିବା 37.3

1. 120 ଟଙ୍କା ନିର୍ଦ୍ଧାରିତ ମୂଲ୍ୟ ବିଶିଷ୍ଟ 10% ଡିବେଞ୍ଚରର ବିକ୍ରି ମୂଲ୍ୟ 150 ଟଙ୍କା ହେଲେ, ଶତକଡା ଆୟ ନିର୍ଣ୍ଣୟ କର ।
2. 90 ଟଙ୍କା ନିର୍ଦ୍ଧାରିତ ମୂଲ୍ୟ ବିଶିଷ୍ଟ 10% ଡିବେଞ୍ଚର ପାଇଁ ବିକ୍ରି ମୂଲ୍ୟ 120 ଟଙ୍କା ହେଲେ, ଶତକଡା ଆୟ ନିର୍ଣ୍ଣୟ କର ।
3. ରାମ ପାଖରେ ଏକ କମ୍ପାନୀର 10 ଟଙ୍କିଆ 500ଟି ସେୟାର ଏବଂ 100 ଟଙ୍କିଆ 100ଟି ଡିବେଞ୍ଚର ଅଛି । ଯଦି କମ୍ପାନୀ ସେୟାର ଗୁଡିକ ପାଇଁ ବାର୍ଷିକ 12% ଡିଭିଡେଣ୍ଡ ପ୍ରଦାନ କରନ୍ତି ଏବଂ ଡିବେଞ୍ଚର ଗୁଡିକ ପାଇଁ 15% ସୁଧ ଦିଅନ୍ତି, ତେବେ ତାଙ୍କର ସମୁଦାୟ ଆୟ ଏବଂ ବିନିଯୋଗ କରିଥିବା ଅର୍ଥ ଉପରେ ରିଟର୍ଣ୍ଣ ହାର ନିର୍ଣ୍ଣୟ କର ।

## ଆମେ ଯାହା ଶିଖିଲେ

- କେତେକ ସମମନୋଭାବାପନ୍ନ ବ୍ୟକ୍ତି ଏକାଠି ହୋଇ ଏକ ବୃହତ୍ ଶିଳ୍ପ ପ୍ରତିଷ୍ଠା କରିବା ଲକ୍ଷ୍ୟନେଇ ଏବଂ ଏକ ଜଏଣ୍ଟ ଷ୍ଟକ କମ୍ପାନୀ ତିଆରି କରନ୍ତି । ଏପରି କମ୍ପାନୀକୁ କମ୍ପାନୀ ନିୟମ ଅନୁସାରେ ପଞ୍ଜୀକରଣ କରାଯାଏ ।
- ମୂଳଧନକୁ କେତେକ ସୁବିଧାଜନକ ଅଂଶରେ, ସାଧାରଣତଃ 10 ଟଙ୍କିଆ କିମ୍ବା 100 ଟଙ୍କିଆ ରୂପରେ ଭାଗ କଲେ, ଭାଗଗୁଡ଼ିକୁ ସେୟାର କୁହାଯାଏ ।
- ସର୍ବସାଧାରଣ ବିଜ୍ଞାପନ ମାଧ୍ୟମରେ କମ୍ପାନୀ ସର୍ବସାଧାରଣଙ୍କୁ ସେୟାର କିଣି କମ୍ପାନୀରେ ଟଙ୍କା ନିବେଶ କରିବା ପାଇଁ ଆହ୍ୱାନ କରେ । ଏହା ପୂର୍ବରୁ କମ୍ପାନୀ ପ୍ରସ୍‌ପେକ୍ଟସ୍ ମାଧ୍ୟମରେ ତାର ଉଦ୍ଦେଶ୍ୟ, ଭଲ ଦିଗ ଦୁର୍ବଳତା ବିଷୟରେ ସର୍ବସାଧାରଣଙ୍କୁ ଅବଗତ କରାଏ ଏବଂ ପରେ କମ୍ପାନୀରେ ଟଙ୍କା ନିବେଶ କରିବାପାଇଁ ଆହ୍ୱାନ କରେ ।
- ଯେଉଁ ବ୍ୟକ୍ତି କମ୍ପାନୀର ସେୟାର କିଣେ ବା ଯାହା ପାଖରେ କମ୍ପାନୀର ସେୟାର ଥାଏ, ତାଙ୍କୁ ସେୟାର ହୋଲଡର୍ କୁହାଯାଏ ।
- କମ୍ପାନୀ ସେୟାର ହୋଲଡର୍ ମାନଙ୍କୁ ସେୟାରର ନିର୍ଦ୍ଧାରିତ ମୂଲ୍ୟ ଏବଂ କ୍ରୟ କରିଥିବା ସେୟାର ସଂଖ୍ୟା ଲେଖାଥିବା ଏକ ସାର୍ଟିଫିକେଟ୍ ପ୍ରଦାନ କରେ ।





- କମ୍ପାନୀ ଦ୍ୱାରା ପ୍ରତି ସେୟାର ପାଇଁ ସ୍ଥିର ହୋଇଥିବା ମୂଲ୍ୟକୁ ତାର ନିର୍ଦ୍ଧାରିତ ମୂଲ୍ୟ / ପାରଭାଲ୍ୟୁ / ନମିନାଲ ଭାଲ୍ୟୁ / ଫେସ୍ ଭାଲ୍ୟୁ କୁହାଯାଏ ।
- ଲାଭର କିଛି ଅଂଶକୁ କମ୍ପାନୀ ସେୟାର ହୋଲଡର ମାନଙ୍କ ମଧ୍ୟରେ ବାଣ୍ଟିଦିଏ । ଏହାକୁ ଡିଭିଡେଣ୍ଡ କୁହାଯାଏ ।
- ପ୍ରିଫର୍ଡ ସେୟାର ହେଉଛି ସେଇଗୁଡିକ ଯେଉଁଥିରେ କମ୍ପାନୀ ନିର୍ଦ୍ଦିଷ୍ଟ ଶତକଡ଼ା ହାରରେ ଡିଭିଡେଣ୍ଡ ପ୍ରଦାନ କରେ । ଅବଶ୍ୟ ସୁଧ, କର ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପରେ ବଳକା ଲାଭରୁ ଡିଭିଡେଣ୍ଡ ପ୍ରଦାନ କରାଯାଏ ।
- ସାଧାରଣ ସେୟାର ସେହି ସେୟାରକୁ କହିବା ଯେଉଁଥିରେ କମ୍ପାନୀ ପ୍ରିଫର୍ଡ ସେୟାର ହୋଲଡର ମାନଙ୍କୁ ଡିଭିଡେଣ୍ଡ ଦେବା ପରେ ଏହି ସେୟାର ହୋଲଡର ମାନଙ୍କୁ ଡିଭିଡେଣ୍ଡ ପ୍ରଦାନ କରେ । ଏହି କାରଣରୁ ସାଧାରଣ ସେୟାର ହୋଲଡର ମାନଙ୍କ ପାଇଁ କୌଣସି ନିର୍ଦ୍ଦିଷ୍ଟ ଶତକଡ଼ା ହାରର ଡିଭିଡେଣ୍ଡ ନଥାଏ ।
- ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ମାନଙ୍କ ପରି ସେୟାର ମଧ୍ୟ ବଜାରରେ କିଣାବିକା ହୁଏ । ଏହି କାର୍ଯ୍ୟ ଦଲାଲ ମାନଙ୍କ ଦ୍ୱାରା କରାଯାଏ ଏବଂ ଏଥିପାଇଁ ସେମାନେ ନେଉଥିବା ଟଙ୍କାକୁ ଦଲାଲ କମିସନ୍ କହନ୍ତି । ଦଲାଲ୍ କମିସନ ସାଧାରଣତଃ ସେୟାରର ନିର୍ଦ୍ଧାରିତ ମୂଲ୍ୟର ଶତକଡା ହିସାବରେ ଦିଆଯାଏ କିମ୍ବା ଏକ ସେୟାର ପ୍ରତି ଏକ ନିର୍ଦ୍ଦିଷ୍ଟ ରାଶି ହିସାବରେ ଦିଆଯାଏ । ସେୟାରକୁ ଯେଉଁ ମୂଲ୍ୟରେ ବଜାରରେ କିଣାବିକା କରାଯାଏ, ତାକୁ ତାର ବିକ୍ରି ମୂଲ୍ୟ ବା ବଜାର ଦର କୁହାଯାଏ ମାର୍କେଟ ଭାଲ୍ୟୁ ।
- ଯଦି ବିକ୍ରି ମୂଲ୍ୟ, ନିର୍ଦ୍ଧାରିତ ମୂଲ୍ୟ ଠାରୁ ଅଧିକ ହୁଏ, ତେବେ ଏହାକୁ ପ୍ରିମିୟମ୍ ବିକ୍ରି ବୋଲି କୁହାଯାଏ । ଯଦି ବିକ୍ରି ମୂଲ୍ୟ, ନିର୍ଦ୍ଧାରିତ ମୂଲ୍ୟଠାରୁ କମ୍ ହୁଏ, ତେବେ ଏହାକୁ ରିହାତି ଦରରେ ବା ପାର୍‌ଭାଲ୍ୟୁ ଠାରୁ କମ୍ ଦରରେ ବିକ୍ରି ବୋଲି କୁହାଯାଏ । ଯଦି ବିକ୍ରିମୂଲ୍ୟ, ନିର୍ଦ୍ଧାରିତ ମୂଲ୍ୟ ସହିତ ସମାନ, ତେବେ ଏହାକୁ ସମତୁଲ୍ୟ ବିକ୍ରି ବା ପାର୍‌ଭାଲ୍ୟୁରେ ବିକ୍ରି ବୋଲି କୁହାଯାଏ ।
- ଷ୍ଟକ୍ = ସେୟାରର ନିର୍ଦ୍ଧାରିତ ମୂଲ୍ୟ×ସେୟାର ସଂଖ୍ୟା
- ଡିଭିଡେଣ୍ଡର ହାର ମାଧ୍ୟମରେ ଷ୍ଟକ୍ ଗୁଡିକ ସୂଚିତ ହୁଏ ।
- ବିଭିନ୍ନ ସ୍ଥିତିରେ, ଐକିକ ଧାରାରେ ଷ୍ଟକ୍ ଉପରେ ପ୍ରାପ୍ୟ ଆୟ ହିସାବ କରାଯାଏ ।
- ଡିବେଞ୍ଚର ହେଉଛି କମ୍ପାନୀ ଦ୍ୱାରା ନିଆଯାଇଥିବା ଋଣର ଲିଖିତ ସ୍ୱୀକୃତି ପତ୍ର । ଏହା ପୂର୍ବ ନିର୍ଦ୍ଧାରିତ ତାରିଖରେ ପ୍ରଚଳନ କରାଯାଏ ଏବଂ କମ୍ପାନୀର ଲାଭ ହେଉ ବା କ୍ଷତି ହେଉ, ଡିବେଞ୍ଚର ହୋଲଡର ମାନଙ୍କୁ ସୁଧ ପ୍ରଦାନ କରାଯାଏ ।
- ସେୟାର ମାନଙ୍କ ଭଳି ଡିବେଞ୍ଚରକୁ ମଧ୍ୟ ବଜାରରେ କିଣାବିକା କରାଯାଏ ।

## ସହାୟକ ୱେବ୍ ସାଇଟ୍

- *http://www.wikipedia.org*
- *http://mathworld.wolfram.com*

## ପାଠ ଶେଷ ଅଭ୍ୟାସ କାର୍ଯ୍ୟ

1. ବାର୍ଷିକ 12% ଡିଭିଡେଣ୍ଡରେ 10 ଟଙ୍କିଆ 1250 ଟି ସେୟାର କିଣି ଜଣେ ବର୍ଷରେ କେତେ ଟଙ୍କା ଡିଭିଡେଣ୍ଡ ପାଇବେ, ତାହା ନିର୍ଣ୍ଣୟ କର ।
2. ଅର୍ଦ୍ଧବାର୍ଷିକ 6% ଡିଭିଡେଣ୍ଡରେ 100 ଟଙ୍କିଆ 250 ଟି ସେୟାରରୁ ଜଣେ ବର୍ଷରେ କେତେ ଟଙ୍କା ଡିଭିଡେଣ୍ଡ ପାଇବେ ନିର୍ଣ୍ଣୟ କର ।
3. ଏକ କମ୍ପାନୀ 50 ଟଙ୍କିଆ 20000 ସେୟାର ପାଇଁ 300000 ଟଙ୍କା ଲାଭ ଦେଖାଇଲା । ଯଦି କମ୍ପାନୀ 5% ଡିଭିଡେଣ୍ଡ ଦେବା ପାଇଁ ଘୋଷଣା କରିଥାଏ, ତେବେ
   (i) କମ୍ପାନୀ ସମୁଦାୟ କେତେ ଟଙ୍କା ଡିଭିଡେଣ୍ଡ ଦେବ ।
   (ii) 200 ସେୟାର ରଖିଥିବା ଏକ ବ୍ୟକ୍ତି କେତେ ଟଙ୍କା ଡିଭିଡେଣ୍ଡ ପାଇବେ ?
4. ଜଣେ ବ୍ୟକ୍ତି ଏକ କମ୍ପାନୀର 100 ଟଙ୍କିଆ 500 ଟି ସେୟାରକୁ ସେୟାର ପ୍ରତି 150 ଟଙ୍କା ଦରରେ କିଣିଲେ ଏବଂ ପ୍ରତି ସେୟାରକୁ 75 ଟଙ୍କା ପ୍ରିମିୟମରେ ବିକ୍ରି କଲେ । ତାଙ୍କର କେତେ ଲାଭ ହେଲା ନିର୍ଣ୍ଣୟ କର ।





5. ଜଣେ ବ୍ୟକ୍ତି ଏକ କମ୍ପାନୀର 12% ଡିଭିଡେଣ୍ଡରେ 10 ଟଙ୍କିଆ 200ଟି ସେୟାରକୁ ଏପରି ମୂଲ୍ୟରେ କିଣିଲେ ଯେପରି ତାଙ୍କର ବିନିଯୋଗ ଅର୍ଥର 10% ଲାଭ ହେବ । ତାଙ୍କ କିଣିଥିବା ସେୟାରର ବଜାର ଦର କେତେ ?

6. ରାମ ଏକ କମ୍ପାନୀ A ର 12% ଡିଭିଡେଣ୍ଡରେ 100 ଟଙ୍କିଆ 200ଟି ସେୟାର 126 ଟଙ୍କା ଦରରେ ବିକ୍ରି କଲେ । ସେ ବିକ୍ରିଲବ୍ଧ ଅର୍ଥକୁ ଅନ୍ୟ ଏକ କମ୍ପାନୀ Bର 25 ଟଙ୍କିଆ 20% ଡିଭିଡେଣ୍ଡ ଥିବା ସେୟାର୍‌କୁ 30 ଟଙ୍କାରେ କିଣିବା ପାଇଁ ବିନିଯୋଗ କଲେ ।

   (i) ରାମ କମ୍ପାନୀ B ର କେତୋଟି ସେୟାର କିଣିଲେ ନିର୍ଣ୍ଣୟ କର ।

   (ii) ତାଙ୍କର ଡିଭିଡେଣ୍ଡ ଆୟର ପରିବର୍ତ୍ତନ ନିର୍ଣ୍ଣୟ କର ।

7. (i) 120 ଟଙ୍କା ଦରରେ କିଣାଯାଇଥିବା 60000 ଟଙ୍କାର 6% ଷ୍ଟକ୍‌ରୁ କେତେ ଆୟ ହେବ ନିର୍ଣ୍ଣୟ କର ।

   (ii) 130 ଟଙ୍କା ଦରରେ କିଣାଯାଇଥିବା 14000 ଟଙ୍କାର 16% ଷ୍ଟକ୍‌ରୁ କେତେ ଆୟ ହେବ ନିର୍ଣ୍ଣୟ କର ।

8. ନିମ୍ନଲିଖିତ ବିନିଯୋଗରେ କେତେ ଆୟ ହେବ ନିର୍ଣ୍ଣୟ କର ।

   (i) 95 ଟଙ୍କା ଦରରେ କିଣାଯାଇଥିବା 7% ଷ୍ଟକ୍‌ରେ 9595 ଟଙ୍କାର ବିନିଯୋଗ

   (ii) 123 ଟଙ୍କା ଦରରେ 15% ଷ୍ଟକ୍‌ରେ 36900 ଟଙ୍କାର ବିନିଯୋଗ

9. ଯଦି ଦଲାଲ୍ କମିସନ୍ 1 ଟଙ୍କା ହୋଇଥାଏ, ତେବେ 94 ଟଙ୍କା ଦରରେ 10% ଷ୍ଟକ୍ କିଣିବାରେ ମୁଁ କେତେ ଟଙ୍କା ବିନିଯୋଗ କଲେ, 4500 ଟଙ୍କା ଆୟ କରିବି ?

10. ଜଣେ ବ୍ୟକ୍ତି 12450 ଟଙ୍କା ଦେଇ 7% ଷ୍ଟକ୍‌କୁ 95 ଟଙ୍କା ଦରରେ କିଣିଲେ ଏବଂ ଯେତେବେଳେ ବଜାର ଦର 107 ଟଙ୍କା ହେଲା, ଏହାକୁ ବିକ୍ରି କଲେ । ଯଦି ଦଲାଲ କମିସନ୍ 1 ଟଙ୍କା ହୋଇଥାଏ, ତେବେ ତାଙ୍କ ପାଖରେ ବର୍ତ୍ତମାନ କେତେ ଷ୍ଟକ୍ ଅଛି ନିର୍ଣ୍ଣୟ କର ।

11. କେଉଁ ବିନିଯୋଗଟି ଭଲ

    (i) 10% ଷ୍ଟକ୍ 110 ଟଙ୍କା ଦରରେ କିମ୍ବା 5% ଷ୍ଟକ୍ 60 ଟଙ୍କ ଦରରେ ?

    (ii) 10% ଷ୍ଟକ୍ 90 ଟଙ୍କା ଦରରେ କିମ୍ବା 11% ଷ୍ଟକ୍ 103 ଟଙ୍କା ଦରରେ ?

12. ଜଣେ ବ୍ୟକ୍ତି 90 ଟଙ୍କା ଦରର 9% ଷ୍ଟକ୍‌ରେ 9000 ଟଙ୍କା ବିନିଯୋଗ କଲେ ଏବଂ ଏହାକୁ 95 ଟଙ୍କା ଦରରେ ବିକ୍ରି କଲେ । ବିକ୍ରିଲବ୍ଧ ଅର୍ଥକୁ ସେ 12% ଷ୍ଟକ୍‌ରେ ବିନିଯୋଗ କରିବା ଦ୍ୱାରା ତାଙ୍କର ଆୟ 240 ଟଙ୍କା ବଢ଼ିଲା । ସେ କେତେ ଟଙ୍କା ଦରରେ ଦ୍ୱିତୀୟ ଷ୍ଟକ୍‌କୁ କିଣି ଥିଲେ ?

13. ଯୋଗେଶ 94640 ଟଙ୍କାରୁ କିଛି ଅଂଶ 104 ଟଙ୍କା ଦରର 8% ଷ୍ଟକ୍‌ରେ ବିନିଯୋଗ କଲେ ଏବଂ ଅବଶିଷ୍ଟ ଅଂଶ 91 ଟଙ୍କା ଦରର 5% ଷ୍ଟକ୍‌ରେ ବିନିଯୋଗ କଲେ । ଯଦି ଦୁଇଟି ଯାକ ଷ୍ଟକ୍‌ରୁ ମୋଟ 6240 ଟଙ୍କା ଆୟ ପାଇଲେ ତେବେ ସେ କେଉଁ ଷ୍ଟକ୍‌ରେ କେତେ ଟଙ୍କା ବିନିଯୋଗ କରିଥିଲେ ?

14. A 47120 ଟଙ୍କାରୁ କିଛି ଅଂଶ 75 ଟଙ୍କା ଦରର 5% ଷ୍ଟକ୍‌ରେ ବିନିଯୋଗ କଲେ ଏବଂ ଅବଶିଷ୍ଟ ଅଂଶ 96 ଟଙ୍କା ଦରର 6% ଷ୍ଟକ୍‌ରେ ବିନିଯୋଗ କଲେ । ଯଦି ଦୁଇଟି ଯାକ ଷ୍ଟକ୍‌ରୁ ହେଉଥିବା ଆୟ ସମାନ ହୋଇଥାଏ, ତେବେ ସେ କେଉଁ ଷ୍ଟକ୍‌ରେ କେତେ ଟଙ୍କା ବିନିଯୋଗ କରିଥିଲେ ?

15. 100 ଟଙ୍କା ପାର୍‌ଭାଲ୍ୟୁ ବିଶିଷ୍ଟ 12% ଡିବେଞ୍ଚରରୁ ଜଣେ ନିବେଶକାରୀ ଶତକଡା କେତେ ଆୟ କରିବେ ଯଦି ସେ ଏହାକୁ ବଜାରରୁ 144 ଟଙ୍କା ଦରରେ କିଣିଥାନ୍ତି ?

16. ରାମଲାଲ୍‌ଙ୍କ ପାଖରେ ଏକ କମ୍ପାନୀର 10 ଟଙ୍କିଆ 1200ଟି ସେୟାର ଏବଂ 100 ଟଙ୍କିଆ 400 ଟି ଡିବେଞ୍ଚର ଅଛି । ଯଦି କମ୍ପାନୀ ସେୟାର ଗୁଡିକ ଉପରେ 10% ଡିଭିଡେଣ୍ଡ ଏବଂ ଡିବେଞ୍ଚର ଉପରେ 12% ସୁଧ ଦିଅନ୍ତି, ତେବେ ରାମଲାଲ୍‌ଙ୍କର ସମୁଦାୟ ବାର୍ଷିକ ଆୟ କେତେ ହେବ ଏବଂ ସେ ତାଙ୍କ ବିନିଯୋଗ ଉପରେ କେତେ ରିଟର୍ଣ୍ଣ ପାଇବେ ?

17. ଯଦି 80 ଟଙ୍କା ନିର୍ଦ୍ଧାରିତ ମୂଲ୍ୟ ବିଶିଷ୍ଟ 8% ଡିବେଞ୍ଚର୍‌ର ବିକ୍ରି ଦର 120 ଟଙ୍କା ହୁଏ, ତେବେ ଶତକଡ଼ା କେତେ ଆୟ ହେବ ନିର୍ଣ୍ଣୟ କର ।

18. ଜଣେ ବ୍ୟକ୍ତି ତାଙ୍କ ପାଖରେ ଥିବା ଟଙ୍କାରୁ ଅଧା 120 ଟଙ୍କା ଦରରେ ବିକ୍ରି ହେଉଥିବା $13\frac{1}{2}\%$ ଷ୍ଟକ୍‌ରେ ଏବଂ ଅନ୍ୟ ଅଧା, 90 ଟଙ୍କା ଦରରେ ବିକ୍ରିହେଉଥିବା $10\frac{1}{2}\%$ ଷ୍ଟକ୍‌ରେ ବିନିଯୋଗ କଲେ । ସେ ଯଦି ଉପରୋକ୍ତ ଉଭୟ ପ୍ରକାର ଷ୍ଟକ୍‌ରୁ ସମାନ ପରିମାଣର ଷ୍ଟକ୍ କିଣିବାରେ ତାଙ୍କର ଅର୍ଥକୁ ବିନିଯୋଗ କରିଥା'ନ୍ତେ, ତେବେ ସେ ଟ 4.50 କମ୍ ଆୟ ପାଇଥା'ନ୍ତେ । ତାଙ୍କର ସମୁଦାୟ ବିନିଯୋଗ ଅର୍ଥ କେତେ ନିର୍ଣ୍ଣୟ କର ।

19. ଜଣେ ବ୍ୟକ୍ତିଙ୍କ ପାଖରେ ଏକ କମ୍ପାନୀର 500 ଟଙ୍କା ପାର୍‌ଭାଲ୍ୟୁ ବିଶିଷ୍ଟ 60ଟି ଡିବେଞ୍ଚର ଅଛି ଯେଉଁଥିରେ ବାର୍ଷିକ 15% ସୁଧ ମିଳେ । ଯେତେବେଳେ ଡିବେଞ୍ଚରର ମୂଲ୍ୟ ବୃଦ୍ଧି ହୋଇ 600 ଟଙ୍କା ହେଲା, ସେ ସେଗୁଡ଼ିକୁ ବିକ୍ରି କଲେ ଏବଂ ସେହି ବିକ୍ରିଲବ୍ଧ ଅର୍ଥରୁ ଅଧା 90 ଟଙ୍କା ଦର ବିଶିଷ୍ଟ 8% ଷ୍ଟକ୍‌ରେ ଏବଂ ଅନ୍ୟ ଅଧା 80 ଟଙ୍କା ଦର ବିଶିଷ୍ଟ 10% ଷ୍ଟକ୍ କିଣିବାରେ ବିନିଯୋଗ କଲେ, ଯେଉଁଠି ପ୍ରତ୍ୟେକର ନିର୍ଦ୍ଧାରିତ ମୂଲ୍ୟ 100 ଟଙ୍କା । ତାଙ୍କର ଆୟରେ କେତେ ପରିବର୍ତ୍ତନ ହେବ ନିର୍ଣ୍ଣୟ କର ।

## ଉତ୍ତର ମାଳା

### ଆସ ନିଜେ ନିଜକୁ ପରଖିବା 37.1

1. 540 ଟଙ୍କା  2. 5000 ଟଙ୍କା  3. 16% ଟଙ୍କା  4.(i) 5.7%  (ii) 814 ଟଙ୍କା
5. 8000 ଟଙ୍କା  6. 200 ଟଙ୍କା  7. ଲାଭ 420 ଟଙ୍କା  8.(i) 6000 ସେୟାର (ii) 2500 ଟଙ୍କା

### ଆସ ନିଜେ ନିଜକୁ ପରଖିବା 37.2

1. (a) ଟଙ୍କା 4000  (b) 2240 ଟଙ୍କା  2.(a) ଟଙ୍କା 1000  (b) 4500 ଟଙ୍କା
3. 5000 ଟଙ୍କା  4. 45900 ଟଙ୍କା  5. 5000 ଟଙ୍କା  6. 1250 ଟଙ୍କା ; 10.42%
7. (i) ଦ୍ୱିତୀୟ (ii) ପ୍ରଥମ  8. ସମତୁଲ୍ୟ  9. 4800 ଟଙ୍କା, 7200 ଟଙ୍କା

### ଆସ ନିଜେ ନିଜକୁ ପରଖିବା 37.3

1. 8%  2. 7.5%  3. Rs. 2100 ; 14%

#### ପାଠଶେଷ ଅଭ୍ୟାସ କାର୍ଯ୍ୟ

1. 1500 ଟଙ୍କା  2. 3000 ଟଙ୍କା  3.(i) 5000 ଟଙ୍କା  (ii) 500 ଟଙ୍କା  4. 12500 ଟଙ୍କା
5. ପ୍ରତି ସେୟାର ପାଇଁ 12 ଟଙ୍କା  6.(i) 8400 (ii) Rs. 18000
7. (i) 3600 ଟଙ୍କା (ii) 2240 ଟଙ୍କା  8.(i) 707 ଟଙ୍କା (ii) 4500 ଟଙ୍କା
9. 42750 ଟଙ୍କା  10. 1245 ଟଙ୍କା ଅଧିକ  11.(i) ପ୍ରଥମ (ii) ପ୍ରଥମ  12. ସମତୁଲ୍ୟ
13. 47320 ଟଙ୍କା ପ୍ରତି  14. 22800 ଟଙ୍କା, 24320 ଟଙ୍କା  15. $8\frac{1}{3}\%$
16. 6000 ; $11\frac{7}{13}\%$  17. $5\frac{1}{3}\%$  18. 15120 ଟଙ୍କା  19. 650 ଟଙ୍କା କ୍ଷତି